# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**11 August - 2024**

**News Editor : Tapan Kumar Moharana**

*************************************

## ମୁଖ୍ୟ ସମ୍ବାଦ

- ଅଧିକ ଅମଳକ୍ଷମ ଏବଂ ଉଚ୍ଚପୋଷକ ତତ୍ତ୍ୱଯୁକ୍ତ ୬୧ଟି ଫସଲର ୧୦୯ଟି କିସମ ଜାରି କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

— କହିଲେ, ସରକାର ଦେଶର କୃଷକମାନଙ୍କୁ ସଶକ୍ତ କରିବା ଲାଗି ପ୍ରତିଶ୍ରୁତିବଦ୍ଧ

- ହରଘର ତିରଙ୍ଗା ଅଭିଯାନରେ ସାମିଲ ହେବା ଲାଗି ରାଜ୍ୟବାସୀଙ୍କୁ ଅନୁରୋଧ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

- ଖାଉଟିମାନଙ୍କୁ ନିର୍ଦ୍ଧାରିତ ଦରରେ ମିଳିବ ଆଳୁ; କହିଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଏବଂ

- ହୀରାକୁଦ ନଦୀବନ୍ଧ ବିସ୍ଥାପିତଙ୍କୁ ଡିସେମ୍ବର ଶେଷ ସୁଦ୍ଧା ମିଳିବ ଜମି ପଟ୍ଟା

# ପିଏମ୍ - କର୍ପସ ରିଲିଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ସଂସ୍ଥାନରେ ୬୧ଟି ଫସଲର ୧୦୯ଟି ଅଧିକ ଅମଳକ୍ଷମ, ଜଳବାୟୁ ଅନୁକୂଳ ଏବଂ ଉଚ୍ଚ ପୋଷକତତ୍ତ୍ୱଯୁକ୍ତ କିସମ ଜାରି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କୃଷକ ଏବଂ ବୈଜ୍ଞାନିକମାନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି । ଏଥିସହିତ ଏଭଳି ନୂଆ କିସମ ବିକଶିତ କରିଥିବା ବୈଜ୍ଞାନିକମାନଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ଜଣାଇଛନ୍ତି, ସରକାର ଦେଶର କୃଷକମାନଙ୍କୁ ସଶକ୍ତ କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ୬୧ଟି ଫସଲ ମଧ୍ୟରୁ ୩୪ଟି କ୍ଷେତ ଫସଲ ଓ ୨୭ଟି ଉଦ୍ୟାନ କୃଷି ଫସଲ ରହିଛି। କ୍ଷେତ ଫସଲ ମଧ୍ୟରେ ବାଜରା, ତୈଳବୀଜ, ଡାଲିଜାତୀୟ ଫସଲ, ଆଖୁ, କପା, ଫାଇବର ସମେତ ବିଭିନ୍ନ ଶସ୍ୟର ବିହନ ରହିଛି। ଉଦ୍ୟାନ କୃଷି ଫସଲରେ ବିଭିନ୍ନ ପ୍ରକାରର ଫଳ, ପନିପରିବା, ରୋପଣ ଫସଲ, କନ୍ଦମୂଳ, ମସଲା, ଫୁଲ ଏବଂ ଔଷଧୀୟ ବୃକ୍ଷ ରହିଛି। ଭାରତୀୟ କୃଷକ ସମାଜ ପାଇଁ ଆଜି ଏକ ଐତିହାସିକ ଦିନ ବୋଲି ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି।

# ହର ଘର ତିରଙ୍ଗା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହର ଘର ତିରଙ୍ଗା ଅଭିଯାନରେ ସାମିଲ ହୋଇ ଦେଶ ପ୍ରତି ନିଜର ଭାବନା ଜାଗ୍ରତ ଓ ଜୀବନ୍ତ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି, ପ୍ରତ୍ୟେକ

ଦେଶବାସୀଙ୍କୁ ଜାତୀୟ ପତାକାର ମହତ୍ୱ ଉପଲବ୍ଧ କରାଇବା ଏହି ଅଭିଯାନର ଉଦ୍ଦେଶ୍ୟ। ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରି 'ହର ଘର ତିରଙ୍ଗା ଡଟ୍ କମ୍'ରେ ସେଲଫି ଅପ୍‌ଲୋଡ କରିବାକୁ ଅନୁରୋଧ କରିଛନ୍ତି। ସୂଚନା ଅନୁସାରେ, ସ୍ୱାଧୀନତା ଦିବସ ସମେତ 'ହର ଘର ତିରଙ୍ଗା' ଅଭିଯାନର ସଫଳତାର ସହ ଆୟୋଜନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

**ବୌଦ୍ଧ** ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ହର୍ ଘର୍ ତିରଙ୍ଗା ପତାକା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ସମସ୍ତ ଜିଲ୍ଲାବାସୀ ତ୍ରିରଙ୍ଗା ପତାକା ଅଭିଯାନକୁ ସଫଳ କରିବା ନେଇ ଆଲୋଚନା ହୋଇଥିଲା।

## ପତାକା ଉତ୍ତୋଳନ

୭୮ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ସେହିଭଳି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନୂଆପଡା ଏବଂ ପ୍ରଭାତୀ ପରିଡା କଟକରେ ଜାତୀୟ ପତାକା ଉତ୍ତୋଳନ କରିବେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କଳାହାଣ୍ଡି, ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ସୁନ୍ଦରଗଡ଼, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୋରାପୁଟ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ

ହରିଚନ୍ଦନ ଗଞ୍ଜାମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବରଗଡ଼ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମାଲକାନଗିରିରେ ପତାକା ଉତ୍ତୋଳନ କରିବେ। ସେହିଭଳି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନବରଙ୍ଗପୁର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଜପତିରେ ଜାତୀୟ ପତାକା ଉତ୍ତୋଳନ କରିବେ। ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ପରେଡ୍ ରିର୍ହସାଲ୍ ଆରମ୍ଭ ହୋଇଛି। ଚଳିତବର୍ଷ ଏହି ପରେଡ୍‌ରେ ୫୮ଟି ଟ୍ରୁପ୍ ଅଂଶଗ୍ରହଣ କରିବେ।

## ଆଳୁଯୋଗାଣ

ରାଜ୍ୟରେ ଖାଉଟିମାନଙ୍କୁ ନିର୍ଦ୍ଧାରିତ ଦରରେ ଆଳୁ ଯୋଗାଇ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସେ କହିଛନ୍ତି, ଆଜିଠାରୁ ନାଫେଡ୍‌ରୁ ଆଳୁ ଓଡ଼ିଶାରେ ପହଞ୍ଚିବ। ବ୍ୟବସାୟୀମାନେ ବଜାର ମୂଲ୍ୟ କିଲୋ ପ୍ରତି ୩୦ ଟଙ୍କାରେ ବିକ୍ରି କରିବେ ବୋଲି ଯୋଗାଣମନ୍ତ୍ରୀ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ ଆଳୁ ଯୋଗାଣ ସମସ୍ୟା ଦୂର କରିବାକୁ ଟେଲିଫୋନ୍ ଯୋଗେ ଆଲୋଚନା କରିଛନ୍ତି। ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

ଅନ୍ୟପକ୍ଷରେ, ଆଳୁ କଳାବଜାରୀ ରୋକିବା ଲାଗି ଆଜି ଯୋଗାଣ ବିଭାଗର ଅଧିକାରୀମାନେ ଭୁବନେଶ୍ୱରସ୍ଥିତ ୧ ନମ୍ବର ଓ ୪ ନମ୍ବର ମାର୍କେଟରେ ଥିବା

ବିଭିନ୍ନ ଆଳୁ ଗୋଦାମ ତଦାରଖ କରିଛନ୍ତି। ଅଧିକ ଦରରେ ଆଳୁ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ବିଭାଗ ଅଧିକାରୀ କହିଛନ୍ତି।

## ହୀରାକୁଦ ବିସ୍ଥାପିତ-ଜମିପଟ୍ଟା

ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତଙ୍କୁ ଜମି ପଟ୍ଟା ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଚଳିତବର୍ଷ ଡିସେମ୍ବର ଶେଷ ସୁଦ୍ଧା ଜମି ପଟ୍ଟା ଦେବା ଲାଗି ମନ୍ତ୍ରୀ ଶ୍ରୀ ପୂଜାରୀ ଝାରସୁଗୁଡ଼ାର ଏକ କାର୍ଯ୍ୟକ୍ରମରେ ଘୋଷଣା କରିଛନ୍ତି। ୭୦ ବର୍ଷ ବିତିଯାଇଥିଲେ ମଧ୍ୟ ନ୍ୟାୟ ମିଳିପାରି ନଥିବା ପରିବାରଗୁଡ଼ିକୁ ଡିସେମ୍ବର ୩୧ ତାରିଖ ସୁଦ୍ଧା ୧୦ ଡିସିମିଲ୍ ଲେଖାଏଁ ଜମି ପଟ୍ଟା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## - V/O –

## ଜନଅଭିଯୋଗ ଶୁଣାଣୀ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତାକାଲି ବନ୍ଦ ରହିବ। ଭୁବନେଶ୍ୱର, ୟୁନିଟ ୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେଉଥିବା ଏହି ଜନଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ନିଟ୍-ପିଜି ଏକ୍ସାମ

ନିଟ୍ ପିଜି ପ୍ରବେଶିକା ପରୀକ୍ଷା ୨୦୨୪ ଆଜି ଅନୁଷ୍ଠିତ ହୋଇଛି। ଜାତୀୟ ପରୀକ୍ଷଣ ସଂସ୍ଥା ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ୨ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଗତ ଜୁନ୍ ମାସରେ ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ପରୀକ୍ଷାର ସ୍ୱଚ୍ଛତାକୁ ନେଇ ଅଭିଯୋଗ ଆସିବା ପରେ ଏହାକୁ ସ୍ଥଗିତ ରଖାଯାଇଥିଲା ।

## ଯୁକ୍ତତିନି ନାମଲେଖା

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତତିନି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଆସନ୍ତାକାଲି ଅପରାହ୍ଣ ୪ଟାରେ ସାମ୍ସ୍ ପୋର୍ଟାଲ୍‌ରେ କମନ୍ ଆପ୍ଲିକେସନ ଫର୍ମ ଉପଲବ୍ଧ ହେବ। ଇଚ୍ଛୁକ ଛାତ୍ରଛାତ୍ରୀ ଆସନ୍ତା ୨୯ ତାରିଖ ସୁଦ୍ଧା ଆବେଦନ କରିପାରିବେ। ସେପ୍ଟେମ୍ବର ୨ ତାରିଖ ଅପରାହ୍ଣ ୪ଟାରେ ଏହି ପର୍ଯ୍ୟାୟର ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରଛାତ୍ରୀ ସେପ୍ଟେମ୍ବର ୩ ରୁ ୬ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ।

ସୂଚନାଯୋଗ୍ୟ, ରାଜ୍ୟର ୧ ହଜାର ୫୬ଟି ଡିଗ୍ରୀ କଲେଜ୍‌ରେ ଯୁକ୍ତତିନି ନାମଲେଖା ପାଇଁ ମୋଟ୍ ୨ ଲକ୍ଷ ୭୪ ହଜାର ୧୫୧ଟି ସିଟ୍ ରହିଛି। ୧ ଲକ୍ଷ ୭୭ ହଜାର ୬୭୩ ଜଣ ଛାତ୍ରଛାତ୍ରୀ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିବାବେଳେ ୯୬ ହଜାର ୪୭୮ଟି ସିଟ୍ ଖାଲି ରହିଛି।

## ଶ୍ରୀମନ୍ଦିର ରଥଭଙ୍ଗା

**ପୁରୀ** ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ଆଜି ଭୋଇ ସେବକମାନେ ରଥଭଙ୍ଗା କାର୍ଯ୍ୟ କରୁଛନ୍ତି। ପରମ୍ପରା ଅନୁସାରେ, ପ୍ରଥମେ ମା' ସୁଭଦ୍ରାଙ୍କ ଦେବଦଳନ ରଥର କଳସରୁ ରଥଭଙ୍ଗା କାମ ଆରମ୍ଭ କରାଯାଇଛି। ଏହାପରେ ତାଳଧ୍ୱଜ ଓ ଶେଷରେ ନନ୍ଦିଘୋଷ ରଥ ଭଙ୍ଗାଯିବ। ମହାପ୍ରଭୁଙ୍କ ଏହି ରଥଭଙ୍ଗା କାର୍ଯ୍ୟରେ ମୋଟ ୨୦ ଜଣ ଭୋଇ ସେବକ ନିୟୋଜିତ ଅଛନ୍ତି। ସେବକମାନେ ୧୨ ଦିନ ମଧ୍ୟରେ ୩ ରଥ ଭାଙ୍ଗିବା କାର୍ଯ୍ୟ କରିବେ। ମହାପ୍ରଭୁଙ୍କର ରଥର ଚକ, ପ୍ରଭା, ଦ୍ୱାରବେଢ଼ା, କଣଗୁଜକୁ ଶ୍ରୀମନ୍ଦିର ପ୍ରଶାସନ ନିଲାମ କରିଥାଏ ଏବଂ ଅନ୍ୟ କାଠଗୁଡ଼ିକ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ଜାଳ ଭାବରେ ବ୍ୟବହାର କରାଯାଏ।

## ସଫେଇ କାର୍ଯ୍ୟ

୭୮ତମ ସ୍ୱାଧୀନତା ଦିବସ ଉପଲକ୍ଷେ **ଗଜପତି** ଜିଲ୍ଲା ପାରଳାଖେମୁଣ୍ଡି ରେଳଷ୍ଟେସନରେ ଜିଲ୍ଲା ବିଜେପି ପକ୍ଷରୁ କର୍ମକର୍ତ୍ତାମାନେ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସଫେଇ କାର୍ଯ୍ୟ କରିଛନ୍ତି। ଆଜିଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ରେଳଷ୍ଟେସନ୍ ସମେତ ମନ୍ଦିର ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ କରାଯିବ ବୋଲି ଜଣାପଡିଛି।

**ନୟାଗଡ଼** ଜିଲ୍ଲାର ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ନୟାଗଡ଼ ଟାଉନ୍ ରେଳଷ୍ଟେସନ୍ ଏବଂ ଏହାର ପରିସର ସଫେଇ କରାଯାଇଛି। ଏହି ସଫେଇ ଅଭିଯାନରେ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ

ଅଂଶଗ୍ରହଣ କରିଥିଲେ।  ପ୍ରତ୍ୟେକ ମାସର ଦ୍ୱିତୀୟ ରବିବାର ଏହି ସଫେଇ ଅଭିଯାନ କରାଯିବ ବୋଲି ନାଗରିକ ମଞ୍ଚ ସଭାପତି ଘୋଷଣା କରିଥିଲେ।

## ପାଣିପାଗ

ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି। ଏହାର ପ୍ରଭାବରେ  ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ  ବର୍ଷା ହେବାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି।

********************************